## ଚାଲାଣ ବେଳେ ୧୭ ଗୋରୁ ଉଦ୍ଧାର

ବାସୁଦେବପୁର,(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବଜାର ଅଞ୍ଚଳରେ ସୋମବାର ସ୍ଥାନୀୟ ଲୋକେ ଓ ବଜରଙ୍ଗ ଦଳର କର୍ମକର୍ତ୍ତା ୨ଟି ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ୍‌କୁ ଅଟକ ରଖି ସ୍ଥାନୀୟ ପୋଲିସ ଜିମା ଦେଇଛନ୍ତି। ଦୁଇ ଗାଡ଼ିରୁ ୧୭ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ବେଆଇନ ଭାବେ ୨ ପିକ୍ଅପ୍‌ରେ ଗୋରୁଙ୍କୁ ଅନ୍ୟତ୍ର ଚାଲାଣ କରାଯାଉଥିବା ବେଳେ ଲୋକେ ଅଟକାଇଥିଲେ। ଲୋକଙ୍କ ମାଡ଼ରେ ପିକ୍ଅପ୍ ଡ୍ରାଇଭର ଆହତ ହୋଇଛନ୍ତି।



## ସଂକ୍ଷେପରେ

### ପଶ୍ଚିମବଙ୍ଗକୁ ପଥର, ବାଲି ଚୋରାଚାଲାଣ ୯ ଡମ୍ଫର ଜବତ

ଭୋଗରାଇ, ୧୫।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର -ଚନ୍ଦନେଶ୍ୱର ୫୭ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିବା ୮ଟି ପଥର ଓ ୧ ବାଲି ବୋଝେଇ ଡମ୍ଫରକୁ ଭୋଗରାଇ ପୋଲିସ ଜବତ କରିଛି। ସମସ୍ତ ଗାଡିର ଚାଳକଙ୍କୁ ଥାନାରେ ଅଟକ ରଖାଯାଇ କାଗଜପତ୍ର ଯାଞ୍ଚ କରାଯାଉଛି। ଏହି ଗାଡିଗୁଡିକ ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଥିବା ଖବରପାଇ ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଭୋଗରାଇ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ବାଟଗ୍ରାମ ବ୍ରିଜଠାରୁ ଦେହୁର୍ଦ୍ଦା ପର୍ଯ୍ୟନ୍ତ ରାସ୍ତାରେ ଉକ୍ତ ଗାଡିଗୁଡିକୁ ଅଟକାଇ ଭୋଗରାଇ ଥାନାକୁ ଆଣି ଜବତ କରିଛନ୍ତି। ଏହି ରାଜ୍ୟ ରାଜପଥରେ ଦୈନିକ ଶତାଧିକ ପଥର ଓ ବାଲି ବୋଝେଇ ଡମ୍ଫର ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି।

### ମହିଳାଙ୍କ ବେକରୁ ସୁନାଚେନ୍ ଲୁଟିନେଲେ ଦୁର୍ବୃତ୍ତ

ଭଦ୍ରକ ଅଫିସ, ୧୫।୧୧-ଭଦ୍ରକ ସହରର ଓରିୟନ ହୋଟେଲ ପାଖ ସାମରାଇପୁର କଲ୍ୟାଣୀ ନଗର କଲୋନୀ ରାସ୍ତାରେ ସୋମବାର ପୂର୍ବାହ୍ନରେ ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, କଲ୍ୟାଣୀନଗରର ପ୍ରିୟମ୍ବଦା ବାରିକ ମନ୍ଦିରରୁ ପୂଜା ସାରି ଚାଲି ଚାଲି ଘରକୁ ଫେରୁଥିଲେ। ଦୁଇ ଲୁଟେରା ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ପିଛା କରିଥିଲେ। ତାଙ୍କୁ ଭୁଜାଲି ଦେଖାଇ ଭୟଭୀତ କରାଇ ବେକରୁ ସୁନାଚେନ୍ ନେଇଯାଇଥିଲେ। ପ୍ରିୟମ୍ବଦା ଡାକ ପକାଇଲା ବେଳକୁ ସେମାନେ ଭଦ୍ରକ ଟାଉନ ଆଡ଼କୁ ଦ୍ରୁତଗତିରେ ବାଇକ୍ ଚଳାଇ ଫେରାର ହୋଇଯାଇଥିଲେ। ଖବର ପାଇ ଭଦ୍ରକ ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

### ସଂଘବଦ୍ଧ ଆକ୍ରମଣ ଘଟଣା, ଜଣେ ଗିରଫ

ବାସୁଦେବପୁର,୧୫।୧୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତରେ ରାଜନୈତିକ ଶତ୍ରୁତାକୁ ନେଇ ଗତ ୧୩ ତାରିଖ ସନ୍ଧ୍ୟାରେ ନିର୍ମଳ କୁମାର ମହାକୁଡ଼ ନାମକ ଜଣେ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ଗୁରୁତର ହୋଇଥିବା ନିର୍ମଳ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ବାସୁଦେବପୁର ପୋଲିସ ସୋମବାର ସୁଗୋ ଜେନାସାହି ବସ୍ତିର ଅମର ନାଥ ଜେନାଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଆକ୍ରମଣକାରୀମାନେ ଫେରାର ଅଛନ୍ତି।

ସୂଚନାଯୋଗ୍ୟ, ନିର୍ମଳ ସୁଗୋ ପଞ୍ଚାୟତ ତାରିଣୀ ଛକ ନିକଟକୁ ଆସିଥିବା ବେଳେ ପୂର୍ବ ଯୋଜନା ମୁତାବକ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ନିର୍ମଳଙ୍କ ଭାଇ ଗୌରାଙ୍ଗଙ୍କ ଅଭିଯୋଗ କ୍ରମେ ବାସୁଦେବପୁର ଥାନାରେ ୯ ଜଣଙ୍କ ନାଁରେ ମାମଲା(ନଂ. ୩୪୫/୨୧) ରୁଜୁ କରାଯାଇଛି।

### ଖବରଦାତାଙ୍କୁ ଆକ୍ରମଣ କରି ଲୁଟ୍

ବନ୍ତ,୧୫।୧୧(ଡି.ଏନ.ଏ.)-ଭଦ୍ରକ ଜିଲା ବନ୍ତ ବ୍ଲକର ଜଣେ ଖବରଦାତାଙ୍କୁ ବାଲେଶ୍ୱର ଜିଲା ଖନ୍ତାପଡା ଥାନା ଅଧୀନ ଜାତୀୟ ରାଜପଥରେ ଦୁର୍ବୃତ୍ତମାନେ ଆକ୍ରମଣ କରି ବାଇକ୍, ମୋବାଇଲ ଓ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଖବରଦାତା ହେଲେ ଆଗରପଡ଼ା ଥାନା ଅଧୀନ କାଣ୍ଡବା ଗ୍ରାମର ମାର୍କଣ୍ଡ ଧଡ଼ା। ଶନିବାର ଏହି ଘଟଣା ଘଟିଥିବା ବେଳେ ସେ ରବିବାର ଖନ୍ତାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ସେରଗଡ଼ ଟୋଲ୍‌ଗେଟରେ ଥିବା ସିସିଟିଭି ଯାଞ୍ଚ କରିବାରୁ ବାଇକ୍ ନେଇ ପଳାଉଥିବା ଦୁଇ ଯୁବକଙ୍କ ଫଟୋ ଦେଖିବାକୁ ପାଇଛି। ଏନେଇ ଥାନାରେ ମାମଲା (ନଂ.୩୦୩/୨୧) ରୁଜୁ ହୋଇଛି।

ପ୍ରକାଶ ଯେ, ମାର୍କଣ୍ଡ ତାଙ୍କ ଝିଅ ଗୁରୁତର ଥିବା ଖବର ପାଇ ବାଇକ୍‌ରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ବେଳେ ଦୁଇ ଦୁର୍ବୃତ୍ତ ତାଙ୍କୁ ଭୁଜାଲିରେ ଆକ୍ରମଣ କରି ବାଇକ୍ ଓ ମୋବାଇଲ ନେଇ ପଳାଇ ଯାଇଥିଲେ। ସେ ଅନ୍ୟ ଜଣେ ବାଇକ୍ ଚାଳକଙ୍କ ସହାୟତାରେ ସେମାନଙ୍କୁ ପିଛା କରିଥିଲେ ମଧ୍ୟ ଧରି ପାରି ନ ଥିଲେ।

# ନୀଳଗିରି ଲ୍ୟାମ୍ପ୍‌ସରେ ଋଣ ନାଁରେ ଠକେଇ

ସଜନାଗଡ, ୧୫।୧୧(ଡି.ଏନ.ଏ.)


ସମବାୟ ସମିତି ସମୂହ ଉର୍ମିଳା ଦାସଙ୍କୁ ଅଭିଯୋଗ ପତ୍ର ଦିଆଯାଉଛି।

ବାଲେଶ୍ୱର ଜିଲା ନୀଳଗିରି ଲ୍ୟାମ୍ପ୍‌ସ ଅଧୀନ ସଜନାଗଡ ସୋସାଇଟିରେ ଋଣ ନ କରି ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୁଣ୍ଡରେ ଏବେ ହଜାର ହଜାର ଟଙ୍କାର ଋଣ। ଏହାକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଠକେଇ ଶିକାର ହୋଇଛନ୍ତି ସଜନାଗଡ ପଞ୍ଚାୟତ ନୂଆସାହି ଓ ଜାମୁଡିସାହିର ଅନୁସୂଚିତ ଜନଜାତିର ଲୋକେ। ଜଣେ ଦଲାଲ ସବ୍‌ସିଡିରେ ଋଣ କରାଇଦେବାକୁ କହି ସେମାନଙ୍କଠାରୁ ଆଧାରକାର୍ଡ ଓ ଫଟୋ ପରିଚୟପତ୍ର ନେଇଥିଲେ। ପରେ ସେମାନଙ୍କ ନାମରେ ଋଣ ଉଠାଇ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି।

ଏନେଇ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ସ୍ଥାନୀୟ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ନୀଳଗିରି ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ ଉର୍ମିଳା ଦାସଙ୍କଠାରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଋଣ ଉଠାଣ ପାଇଁ ସେମାନେ ବ୍ୟାଙ୍କ ଶାଖାକୁ ଯାଇ ନ ଥିଲେ। ଏପରିକି ସେମାନଙ୍କ ମଧ୍ୟରୁ କେତେଜଣ ଭୂମିହୀନ ହୋଇଥିଲେ ମଧ୍ୟ କିପରି ଋଣ ଉଠାଣ ହୋଇଛି ତାହାର ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ୪୯,୫୦୦ଟଙ୍କା ଲେଖାଏଁ କେତେଜଣ ଲୋକଙ୍କ ନାମରେ ଋଣ ଉଠାଇ ଆତ୍ମସାତ୍ କରାଯାଇଛି। ଏ ସମ୍ପର୍କରେ ସମବାୟ ସମିତି ସମୂହ ଉର୍ମିଳା ଦାସଙ୍କୁ ପଚରାଯିବାରୁ ସେ ଏହି ବିଷୟକୁ ସ୍ୱୀକାର କରିଛନ୍ତି। ସେହି ସମୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିନା ଅନୁମତିରେ ଏହି ଋଣ ଉଠିପାରିବନି, ତେଣୁ ଏ ବିଷୟରେ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଆଲୋଚନା କରିବେ ବୋଲି କହିଥିଲେ। ବିଧାୟକ ନାୟକ ମଧ୍ୟ ଜିଲାପାଳଙ୍କ ଦୃଷ୍ଟିଗୋଚର କରିବେ ବୋଲି ସୂଚନା ଦେଇଛନ୍ତି।

# ଛାତ୍ରୀଙ୍କୁ କମେଣ୍ଟମରାକୁ ନେଇ ଗଣ୍ଡଗୋଳ

ବାହାନଗା,୧୫।୧୧ (ଡି.ଏନ.ଏ.)

### ମାରଣାସ୍ତ୍ର ଦେଖାଇ ଆତଙ୍କରାଜ, ୨ ଗିରଫ

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଅଧୀନ ଶ୍ରୀଜଙ୍ଗ ଗ୍ରାମରେ ଛାତ୍ରୀଙ୍କୁ କମେଣ୍ଟମରାକୁ ନେଇ କେତେଜଣ ଚୋରା ମଦ ବେପାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ କେତେଜଣ ଚୋରା ମଦ ବେପାରୀଙ୍କ ସହଯୋଗୀମାନେ ମାରଣାସ୍ତ୍ର ଦେଖାଇ ଆତଙ୍କରାଜ ସୃଷ୍ଟି କରିଥିଲେ। ଗ୍ରାମବାସୀ ଏହାକୁ ପ୍ରତିରୋଧ କରିବା ସହ ୨ଜଣଙ୍କୁ ଅଟକ ରଖି ହସ୍ତାନ୍ତର କରିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଛି।

ଗତ ଦୁଇଦିନ ତଳେ ଚୋରା ମଦବ୍ୟବସାୟୀମାନେ ଶ୍ରୀଜଙ୍ଗ ଗ୍ରାମ ବିଦ୍ୟାଳୟ ସାମ୍ନାରେ ଛିଡା ହୋଇ ଛାତ୍ରୀମାନଙ୍କୁ କମେଣ୍ଟ ମାରୁଥିଲେ। ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ପାଟିତୁଣ୍ଡ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ୧୫ରୁ ୧୬ଜଣ ଚୋରା ମଦ ବ୍ୟବସାୟୀମାନେ ହାତରେ ମାରଣାସ୍ତ୍ର ଧରି ରବିବାର ରାତିରେ ଶ୍ରୀଜଙ୍ଗ ବଜାରକୁ ଆସି ଗଣ୍ଡଗୋଳ କରିବା ସହିତ ମାରଣାସ୍ତ୍ର ଦେଖାଇ ବଜାରରେ ଆତଙ୍କ ସୃଷ୍ଟି କରିଥିଲେ। ରାତିରେ ବଜାରରେ ବେଶି ଲୋକ ନ ଥିବାରୁ ଦୋକାନୀମାନେ ଏକାଠି ହୋଇ ଆସିଥିବା ମଦବେପାରୀମାନଙ୍କୁ ପ୍ରତିରୋଧ କରିଥିଲେ। ବଜାର ଲୋକଙ୍କ ପାଲଟା ଆକ୍ରମଣରେ ଆତଙ୍କ ସୃଷ୍ଟି କରୁଥିବା ଯୁବକମାନେ ପଳାଉଥିବା ବେଳେ ସେମାନଙ୍କ ମଧ୍ୟରୁ ୨ଜଣ ଧରାପଡ଼ି ମାଡ ଖାଇଥିଲେ । ଅଟକ ୨ଜଣ ହେଲେ ମହମ୍ମଦାବାଦର ଶ୍ରୀତମ ପରିଡା(୨୨) ଓ ଓଡ଼ଶାଳ ଗ୍ରାମର କେଦାର ମହାଳିକ(୨୦) । ପରେ ଅଟକ ୨ଜଣଙ୍କ ଗିରଫ ଦାବି ଓ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ ଦାବିରେ ଉତ୍ତ୍ୟକ୍ତ ଲୋକମାନେ ରାତିରେ ଶ୍ରୀଜଙ୍ଗଠାରେ ସଲ୍ଟ ରାସ୍ତାକୁ ଅବରୋଧ କରିଥିଲେ । ପୋଲିସ ଆସିବାରେ ବିଳମ୍ବ ହେବାରୁ ଉତ୍ତେଜିତ ଲୋକମାନେ ଧରାପଡ଼ିଥିବା ୨ଟି ବାଇକରେ ନିଆଁ ଲଗାଇ ଦେଇଥିଲେ। ଗୋପାଳପୁର ଫାଣ୍ଡି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଗ୍ରାମରୁ ସମ୍ପୂର୍ଣ୍ଣ ମଦ ବିକ୍ରି ବନ୍ଦ ଓ ସମ୍ପୃକ୍ତ ମାଫିଆଙ୍କ ଗିରଫ ଦାବିରେ ଲୋକମାନେ ନିଜ ଜିଦ୍‌ରେ ଅଡ଼ି ବସିଥିଲେ। ପରେ ଫାଣ୍ଡି ଅଧିକାରୀ କ୍ରିଷ୍ଟା ପିଙ୍ଗୁଆ ଅଟକ ୨ଜଣଙ୍କୁ ନିଜ ହେପାଜତକୁ ନେବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା । ପରେ ଗ୍ରାମବାସୀଙ୍କ ଦ୍ୱାରା ଖନ୍ତାପଡ଼ା ଥାନାରେ ଏକ ଅଭିଯୋଗ କରାଯାଇଛି।

# ପ୍ରବନ୍ଧ, କୁଇଜ୍ ପ୍ରତିଯୋଗିତା

କୁଳିଅଣା,୧୫।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ବାଇଗଣବାଡ଼ିଆ ସ୍ଥିତ ଉତ୍କଳମଣି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଟାଟା ବିଲଡିଂ ଇଣ୍ଡିଆ ପକ୍ଷରୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ସରୋଜ ନାୟକ ଯୋଗ ଦେଇଥିଲେ। ଟାଟା ବିଲଡିଂ ଇଣ୍ଡିଆର ଗୋପାଳ ଚନ୍ଦ୍ର ସେନାପତି ଓ ପ୍ରଜ୍ଞାବ୍ରହ୍ମା କୁମାର ନାୟକ ସଭା ପରିଚାଳନା କରିଥିଲେ। ସିନିଅର ବିଭାଗରେ ମୋନାଲିସା ସାହୁ, ମନୀଷା ମହାପାତ୍ର, ସୀମାରାଣୀ ଘୋଷ, ଜୁନିଅରରେ ପୀତାମ୍ବର ତରେଇ, ଶୁଭସ୍ମିତା ଦଳେଇ, ପୁମା ମୁର୍ମୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# 'ବିର୍ସାମୁଣ୍ଡା ଥିଲେ ଜାତିର ଗୌରବ'


ସାରସକଣାଠାରେ ଶହୀଦ ବିର୍ସାମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ବାରିପଦା ଅଫିସ/ଉଦଳା/ସାରସକଣା/କୁଆମରା/କପ୍ତିପଦା,୧୫।୧୧(ଡି.ଏନ.ଏ.)

କ୍ରାନ୍ତିବୀର ବିର୍ସା ମୁଣ୍ଡାଙ୍କ ୧୪୬ତମ ଜୟନ୍ତୀ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ବାରିପଦା ଉପଖଣ୍ଡ ଅସ୍ତିଆ ଛକରେ ସ୍ଥାପିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ବଡ଼ସାହି ବ୍ଲକ ପୂର୍ଣ୍ଣଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନରଣପୁରରେ ଥିବା ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଓ ଛାତ୍ର ସଂଘ ପକ୍ଷରୁ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଆଦିବାସୀ ଛାତ୍ର ସଂଘର ରାଜ୍ୟ ଉପସଭାପତି ବାଜି ସିଂ, ସରପଞ୍ଚ ରାଜୀବ ଲୋଚନ ସିଂ, ଲହର ସିଂ, ସମବାରୀ ସିଂ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା। ବିର୍ସାମୁଣ୍ଡା ଥିଲେ ଜାତିର ଗୌରବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଉଦଳାଠାରେ ଥିବା ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ଭାସ୍କର ମଡ଼େଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବିତା ହାଁସଦା, ଲାଲମୋହନ ମାରାଣ୍ଡି, ଦିଲିପ ବାସ୍କେ, ଜିଲା ପରିଷଦ ସଦସ୍ୟ ଚକ୍ରଧର ସିଂ, ଶିରିଶ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ। ସାରସକଣା ବ୍ଲକ ଜାମଶୋଳା ପୁରାତନ ତନଖି ଫାଟକ ନିକଟସ୍ଥ କୁଆଁରଡିହି ଖେଳ ପଡ଼ିଆରେ ଜନଜାତି ଗୌରବ ଦିବସ ପାଳିତ ହୋଇଯାଇଛି। ସକାଳୁ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ବିଧାୟକ ପୁରୁଷୋତ୍ତମ ନାଏକ, କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ମନୋଜ ମହାନ୍ତ ଓ ଟୁଲୁ ନନ୍ଦଙ୍କ ସମେତ ଜିଲା ସଭାପତି କାନ୍ଦ୍ରା ସୋରେନ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ସ୍ଥିତ ନୂଆସାହି ମୁଣ୍ଡାରୀ ମାର୍ଶିଲ ଶିକ୍ଷା ଅନୁଷ୍ଠାନ ଓ ଶୀଳଘାଟିଠାରେ ସରପଞ୍ଚ ଭାଗ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଜୟନ୍ତୀ ପାଳିତ ହୋଇଯାଇଛି। କପ୍ତିପଦା ବ୍ଲକ ଶରତ ପଞ୍ଚାୟତର ରଙ୍ଗାମାଟିଆ ୟୁଥ୍ କ୍ଲବ୍ ଓ ରାଣୀପୋଖରୀ ପଞ୍ଚାୟତରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରଙ୍ଗାମାଟିଆ ଉତ୍ସବକୁ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ୍ ଉଦଘାଟନ କରିଥିଲେ।

# ଯୋଗାଣ ନିରୀକ୍ଷକଙ୍କୁ ଭେଟିଲେ ବୃଦ୍ଧା


ଯୋଗାଣ ନିରୀକ୍ଷକ ଅଜୟ ଦାସଙ୍କ ନିକଟରେ ଅଭିଯୋଗ କରୁଛନ୍ତି ବୃଦ୍ଧା ସୁନୀ ଜେନା।

ପଦ୍ମପୁର, ୧୫।୧୧(ଡି.ଏନ.ଏ.)

### ୨ ବର୍ଷ ହେଲା ମିଳୁନି ରାଶନ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନୂଆଗାଁର ବିଧବା ବୃଦ୍ଧା ସୁନୀ ଜେନା ଗତ ଦୁଇବର୍ଷ ଧରି ରାଶନ ସାମଗ୍ରୀ ପାଇପାରୁନାହାନ୍ତି। ଏନେଇ ସେ ସୋମବାର ଏକ ଟ୍ରଲିରେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଯୋଗାଣ ନିରୀକ୍ଷକ ଅଜୟ ଦାସଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ନିରୀକ୍ଷକ ଦାସଙ୍କୁ ପଚାରିବାରୁ ଉକ୍ତ ମହିଳାଙ୍କର ଆଧାର କାର୍ଡ ନ ଥିବାରୁ ତାଙ୍କ ନାମ ରାଶନ କାର୍ଡରେ ସଂଯୋଗ ହୋଇପାରି ନାହିଁ। ସେଥିପାଇଁ ସରକାରଙ୍କ ବିଭାଗୀୟ ପୋର୍ଟାଲରେ ତାଙ୍କ ନାମ ଆସିପାରୁ ନାହିଁ। ଫଳରେ ସେ ରାଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ତାଙ୍କ ନାମ ସଂଯୋଗ କରାଯାଇ ଚାଉଳ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଏସ୍‌ପି ଅଫିସ ଆଗରେ ଧାରଣା


ଏସ୍‌ପି ଅଫିସ ସମ୍ମୁଖରେ ଧାରଣାରତ ଗ୍ରାମବାସୀ।

ବାରିପଦା ଅଫିସ,୧୫।୧୧

### ପୋଲିସ ନିଷ୍କ୍ରିୟତାର ପ୍ରତିବାଦ

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଶାକୁଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ ଚୋରି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ପ୍ରତିବାଦରେ ସୋମବାର ଗ୍ରାମବାସୀ ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ହାତବାନ୍ଧି ବସିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସ୍‌ପିଙ୍କ ନିକଟରେ ଦାବି କରାଯାଇଥିଲା। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨୪ରେ ଶାକୁଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ କମ୍ପ୍ୟୁଟର ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଖବରପାଇ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସନ୍ଧାନୀ କୁକୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପହଞ୍ଚିଥିଲା। ମାତ୍ର ସେଠାରୁ କୌଣସି ଚୋରି ସାମଗ୍ରୀ ମିଳି ନ ଥିଲା। ଉକ୍ତ ଘରେ ଭଡ଼ାସୂତ୍ରରେ ପଶ୍ଚିମବଙ୍ଗ ମୁର୍ସିଦାବାଦରୁ ଆସିଥିବା ମିସ୍ତ୍ରି ଓ ଶ୍ରମିକମାନେ ରହୁଥିବା ବେଳେ ଚୋରିରେ ସେମାନଙ୍କ ସମ୍ପୃକ୍ତି ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ସେମାନଙ୍କ ଆଙ୍ଗୁଠି ଚିହ୍ନ ସଂଗ୍ରହ କରାଯାଇଥିଲା। ମାତ୍ର ଘର ମାଲିକଙ୍କ ଆଙ୍ଗୁଠି ଚିହ୍ନ ଗ୍ରହଣ କରାଯାଇ ନ ଥିବାରୁ ପୋଲିସ ତାଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଗ୍ରାମର ଚିତ୍ତରଞ୍ଜନ ଭୋଇ ଓ ଆନନ୍ଦ ଶଙ୍କର ପାତ୍ର କହିଛନ୍ତି। ଏ ସମ୍ପର୍କରେ ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ କୁହନ୍ତି, ଘର ମାଲିକଙ୍କ ସମେତ ରହୁଥିବା ଲୋକଙ୍କ ଆଙ୍ଗୁଠି ଚିହ୍ନ ଗ୍ରହଣ କରାଯାଇଛି। ତେବେ ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଥିବା ବେଳେ ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ।

# ୨ପ୍ରତିଷ୍ଠାତାଙ୍କ ବିୟୋଗରେ ସ୍ମୃତିସଭା

ଖଇରା,୧୫।୧୧(ଡି.ଏନ.ଏ.)

ଖଇରା ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବାଲେଶ୍ୱର ଜିଲା କୁପାରୀସ୍ଥିତ ଅମ୍ବିକା ଆଶ୍ରମର ପ୍ରତିଷ୍ଠାତା ଓଁକାର ମୁନୀ ଉଦାସୀନ ଓ କୁପାରୀ ବାଳିକା ବିଦ୍ୟାଳୟର ପ୍ରତିଷ୍ଠାତା କମଳାକାନ୍ତ ବିଶ୍ୱାଳଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଖଇରାଠାରେ ଆୟୋଜିତ ଏହି ସଭାରେ ଶରତ କୁମାର ବିଶ୍ୱାଳ ପୌରହିତ୍ୟ କରିଥିଲେ। ସମ୍ପାଦକ ମୁକ୍ତିକାନ୍ତ ଶତପଥୀ ବିବରଣୀ ପାଠ କରିବା ପରେ ୨ମିନିଟ ନିରବ ପ୍ରାର୍ଥନା ଓ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ପାତ୍ର, ବୁଦ୍ଧିରାମ ପାଣିଗ୍ରାହୀ, ସନ୍ତୋଷ ଶତପଥୀ, ନାରାୟଣ ପେଡା, ନାରାୟଣ ପଣ୍ଡା, ଦେବେନ୍ଦ୍ର ରାଉତ, ଅରୁଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ୨ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିଭା ଉପରେ ଆଲୋକପାତ କରିଥିଲେ। କୋଷାଧ୍ୟକ୍ଷ ଅନାମ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମନ୍ଦିର ତୋରଣରୁ ପଡ଼ି ସୁରକ୍ଷାକର୍ମୀ ମୃତ

ପାଟଣା, ୧୫।୧୧(ସ୍ୱ. ପ୍ର.)

### କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା

କେନ୍ଦୁଝର ଜିଲା ପାଟଣା ବୈତରଣୀ ନଦୀକୂଳରେ ଥିବା ପରମେଶ୍ୱର ଶିବ ମନ୍ଦିରରେ ରବିବାର ସନ୍ତୋଷ କୁମାର ମହାନ୍ତ(୪୬) ନାମକ ଜଣେ ସୁରକ୍ଷାକର୍ମୀ ମନ୍ଦିର ତୋରଣରୁ ଖସି ମୃତ୍ୟୁବରଣ କରିଥିଲେ। ସୋମବାର କ୍ଷତିପୂରଣ ଦାବିରେ ଉକ୍ତ ଗାଁର ଲୋକେ ମନ୍ଦିର ସମ୍ମୁଖରେ ମୃତଦେହ ରଖି ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ସଦଳବଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ପାଟଣା ଥାନାରେ ଏକମାମଲା ରୁଜୁ ହୋଇଛି।

# 'ଈପ୍‌ସିତ ଅନୁରାଗ' ଉନ୍ମୋଚିତ

ବାଲେଶ୍ୱର ଅଫିସ, ୧୫।୧୧

ବାଲେଶ୍ୱର ସହରର ଉଦ୍ୟୋଗ ଭବନରେ ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର ଚୌଧୁରୀଙ୍କ କବିତା ପୁସ୍ତକ 'ଈପ୍‌ସିତ ଅନୁରାଗ' ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରଭାତ ଚନ୍ଦ୍ର ଚୌଧୁରୀ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ନିର୍ବାହୀଯନ୍ତ୍ରୀ ଇଂ.ସୁରେନ୍ଦ୍ର ନାଥ ଦାସ ଉତ୍ସବକୁ ଉଦ୍‌ଘାଟନ କରି କବିତା ପୁସ୍ତକକୁ ଉନ୍ମୋଚନ କରିଥିଲେ । ବିଶିଷ୍ଟ କବି ପ୍ରଶାନ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଚୌଧୁରୀଙ୍କ ସାହିତ୍ୟ କୃତିକୁ ଭୂୟସୀ ପ୍ରଶଂସା କରି ସାରସ୍ୱତ ସାଧନାରେ ନିଜକୁ ନିମଗ୍ନ ରଖି ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧିରେ ସାମିଲ ହେବା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ସେ କହିଥିଲେ। ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ଗବେଷକ ଡ. ରମାକାନ୍ତ ବେହେରା, ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପୂର୍ବତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା, ଜୟନ୍ତ କୁମାର ପଣ୍ଡା, ଡକ୍ଟର ଶରତ ଚନ୍ଦ୍ର ମହାନ୍ତି ଓ କବି ଶରତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ବିଷୟବସ୍ତୁକୁ ସମୀକ୍ଷା କରିଥିଲେ। ଲେଖକ ଚୌଧୁରୀ ଏଥିରେ ସ୍ୱାଗତ ଭାଷଣ ସହ ନିଜର ଲେଖକୀୟ ଅନୁଭୂତି ଓ ଅଭିଜ୍ଞତା ସମ୍ପର୍କରେ କହିଥିଲେ। ଅଧ୍ୟାପିକା ଜ୍ୟୋତିଶ୍ରୀ ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ନୀଳାମ୍ବର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ପୁସ୍ତକ ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିଗଣ।

# ସେଣ୍ଟ୍ରାଲ ସ୍କୁଲ ପ୍ରତିଷ୍ଠା ଲାଗି ଏମ୍‌ପିଙ୍କୁ ଦାବିପତ୍ର

ଜଳେଶ୍ୱର,୧୫।୧୧(ଡି.ଏନ୍.ଏ)

ବାଲେଶ୍ୱର ଜିଲା ଜଳେଶ୍ୱରରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କିଛିଦିନ ତଳେ ଜଳେଶ୍ୱରର ବହୁ ନେତୃସ୍ଥାନୀୟ ବ୍ୟକ୍ତି ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠାରେ ଲିଖିତ ଦାବି କରିଥିଲେ। ଗତ ଶୁକ୍ରବାର କେତେକ ବ୍ୟକ୍ତ ଏମ୍‌ପି ଷଡ଼ଙ୍ଗୀଙ୍କୁ ଭେଟି ଉପାନ୍ତ ଅଞ୍ଚଳରେ ଏପରି ବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ଦାବି କରିଛନ୍ତି। ପ୍ରବୀର କୁମାର ପ୍ରଧାନ, ଅଶୋକ କୁମାର ଜେନ, ଶାନ୍ତନୁ ପଟ୍ଟନାୟକ, ସମୀର ପାତ୍ର ପ୍ରମୁଖ ବହୁ ବ୍ୟକ୍ତି ଏମ୍‌ପି ହସ୍ତକ୍ଷେପ ଲୋଡ଼ିଛନ୍ତି। ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ, ରାଇବଣିଆ, ବସ୍ତା, ଖୁଣ୍ଟା, ବୈଶିଙ୍ଗା ଓ ପଶ୍ଚିମବଙ୍ଗର ଦାନ୍ତନ, ମୋହନପୁର, ନୟାଗ୍ରାମ ଓ ଏଗ୍ରା ଅଞ୍ଚଳର ଛାତ୍ରୀଛାତ୍ର ଉପକୃତ ହୋଇ ପାରିବେ ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି।

# ଟ୍ରାଫିକ ନିୟମ ମାନୁନାହାନ୍ତି ଚାଳକ

ଚମ୍ପୁଆ,୧୫।୧୧(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆରୁ ରିମୁଳି ଦେଇ ଯାଇଥିବା ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ନିୟମିତ ବ୍ୟବଧାନରେ ଘଟୁଛି ଦୁର୍ଘଟଣା। ଅନେକ ପରିବାର ହୋଇଯାଉଛନ୍ତି କୂଳଶୂନ୍ୟ। ଦୁର୍ଘଟଣାଗ୍ରସ୍ତ କେତେକଙ୍କର ଜୀବନ ଚାଲିଯାଉଛି ତ କେତେକ ହୋଇଯାଉଛନ୍ତି ଅକ୍ଷମ। ଏହି ଦୁର୍ଘଟଣାକୁ ଅଟକାଇବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ସଫଳତା ମିଳୁନାହିଁ। ଛକ ସ୍ଥାନ ଗୁଡିକରେ ଷ୍ଟପ ବୋର୍ଡ ଲଗାଇ ଦ୍ରୁତଗତିରେ ଯାଉଥିବା ଗାଡ଼ିଗୁଡ଼ିକର ବେଗ କମାଇବା ପାଇଁ ଚେଷ୍ଟା କରାଯାଉଥିଲେ ମଧ୍ୟ ରାତିରେ ଗାଡିଗୁଡିକ ତାହା ନ ମାନି ବୋର୍ଡ ଗୁଡିକୁ ଭାଙ୍ଗିରୁଜି ପଳାଇଯାଉଛନ୍ତି।

ଚମ୍ପୁଆ ସହର ମଧ୍ୟରେ ସକାଳ ୮ ରୁ ଦିନ ୧୧ ଓ ଅପରାହ୍ନରୁ ରାତି ୮ ଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ଲାଗୁ କରାଯାଇଥିଲେ ମଧ୍ୟ ନୋଏଣ୍ଟ୍ରି ପରେ ଗାଡିଗୁଡିକର ଗତି



ରିମୁଳି ଏନ୍ଏଚ୍‌ରେ ଥିବା ଷ୍ଟପ ବୋର୍ଡ।

### ବଢୁଛି ସଡ଼କ ଦୁର୍ଘଟଣା

ପ୍ରତି କୌଣସି ଅଙ୍କୁଶ ନ ଥିବା ପରି ଗାଡ଼ି ଚଳାଚଳ ହେଉଛି। ଫଳରେ ଏକପ୍ରକାର ଦୁର୍ଘଟଣାକୁ ନିମନ୍ତ୍ରଣ କରାଯାଉଛି। ଏହି ଜାତୀୟରାଜପଥ ପାର୍ଶ୍ୱରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରହିଥିବା ବେଳେ ଛାତ୍ରୀଛାତ୍ର କେତେ ସୁରକ୍ଷିତ ତାହା ଏଠାରେ ଅନୁମେୟ। ଏ ନେଇ ଉପଖଣ୍ଡ ପୋଲିସ ଅଧିକାରୀ ରାମରାୟ ମୁର୍ମୁ କହିଛନ୍ତି, ଦୁର୍ଘଟଣା କମାଇବାକୁ ସାଧାରଣରେ ସଚେତନତାର ଆବଶ୍ୟକତା ରହିଛି। ଅଭିଭାବକ ମାନେ ନାବାଳକଙ୍କୁ ଗାଡି ଦିଅନ୍ତୁ ନାହିଁ ଏବଂ ଯେଉଁମାନେ ଗାଡି ଚଳାଉଛନ୍ତି ସମସ୍ତେ ହେଲମେଟ ବ୍ୟବହାର କରିବାକୁ ଅନୁରୋଧ କରାଯାଉଛି। ଖୁବଶୀଘ୍ର ଦୁର୍ଘଟଣା ଘଟୁଥିବା ସ୍ଥାନ ଗୁଡିକରେ ଅଧିକରୁ ଅଧିକ ଷ୍ଟପବୋର୍ଡ ଲଗାଯିବ ବୋଲି ସୂଚନା ଦେଇଛନ୍ତି।

